## ବିଜେଡିର ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ

# ‘ବିକାଶର ପଥ ରୋକିଛି ଡବଲ ଇଞ୍ଜିନ ସରକାର’

ପାରଳାଖେମୁଣ୍ଡି,୨୬ ।୧୨(ସମିସ)




ଗଜପତି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାର ଶତାଧିକ କର୍ମୀ ଓ ବହୁ ନେତା ଓ ଜନପ୍ରତିନିଧି ଏକାଠି ହୋଇ କଲେଜ ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା ସଭାପତି ପ୍ରଦୀପ କୁମାର ନାୟକ ଓ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଯାଇ ବିଜେଡି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାସ୍ଥଳରେ ପହଞ୍ଚିଥିଲା । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିକଶିତ ଓଡିଶାର ସ୍ୱପ୍ନକୁ ସାକାର କରିବାରେ ନବୀନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଛି ଏବଂ ଗଜପତି ଜିଲ୍ଲା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ । ଆଜି ଶାସନରେ ଦଳ ନଥିଲେ ମଧ୍ୟ ଲୋକଙ୍କ ନିକଟରେ ରହିଛି ଏବଂ ରହିବ । ୨୪ ବର୍ଷର ଶାସନ କାଳରେ ନବୀନ ପଟ୍ଟନାୟକ ରାଜ୍ୟର ବିକାଶ ଧାରାକୁ ଆଗେଇ ନେଇଛନ୍ତି । ତେବେ ୧୮ ମାସରେ ଡବଲ ଇଞ୍ଜିନ ସରକାର ବିକାଶର ପଥକୁ ରୋକି ଦେଇଛି । ତେଣୁ ସମସ୍ତେ ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଥିଲା । ବିଜେଡି ଗଠନର ପୃଷ୍ଠଭୂମି ବିଷୟରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ପୁଣି ଥରେ ବିଜେଡି କିପରି ସରକାରକୁ ଫେରିବା ସହିତ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଆଲୋଚନା କରାଯାଇଥିଲା । ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ଦଳ ପାଇଁ କାମ କରିବାକୁ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତେ ଏକାଠି ହୋଇ ଜିଲ୍ଲାର ସମସ୍ତ ପଞ୍ଚାୟତ ଦଖଲ କରି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ସମସ୍ତ ଜନପ୍ରତିନିଧି ଓ ଛାମୁଆ କର୍ମୀଙ୍କୁ ଏହି ଅବସରରେ ବିଧାୟକ ଏବଂ ବିଜେଡି ନେତୃବୃନ୍ଦ ଆହ୍ୱାନ ଦେଇଥିଲେ । ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ଯୁବ ବିଜେଡି ସଭାପତି ଏସ. ଲିଙ୍ଗରାଜୁ, ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁଙ୍କ ସମେତ ସମସ୍ତ ଜିଲ୍ଲାର ସାତୋଟି ବ୍ଲକରୁ ଆସିଥିବା ନେତା ଓ କର୍ମୀ ଯୋଗ ଦେଇଥିଲେ ।

## ଯାତ୍ରୀ ବିଶ୍ରାମାଗାରରୁ ଯୁବକଙ୍କ ମୃତଦେହ ଉଦ୍ଧାର



ମୋହନା,୨୬।୧୨(ସମିସ): ମୋହନା ସହର ହାଇସ୍କୁଲ ଛକରେ ଥିବା ଯାତ୍ରୀ ବିଶ୍ରାମଗାରରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ । ମୃତକ ଦିଗପହଣ୍ଡି ଥାନା ଅଞ୍ଚଳର ବାଲାଜୀ ରେଡ୍ଡୀ । ବାଲାଜୀ ୧୦ ବର୍ଷ ହେଲା ମୋହନା ବିଦ୍ୟୁତ ସବ୍ ଷ୍ଟେସନ ନିକଟରେ ଥିବା ଏକ ଗ୍ୟାରେଜ୍‌ରେ ମେକାନିକ୍ ଭାବେ କାର୍ଯ୍ୟ କରୁଥିଲେ ଏବଂ ମୋହନାରେ ବିବାହ କରିଥିଲେ । କିଛିମାସ ଧରି ସେ ଅତ୍ୟଧିକ ମଦ୍ୟପାନ କରିବା ସହ ଉକ୍ତ ଯାତ୍ରୀ ବିଶ୍ରାମାଗାରରେ ରହୁଥିଲେ । ଆଜି କିଛି ଲୋକ ତାଙ୍କୁ ସଂଜ୍ଞାହୀନ ଭାବେ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ । ଆମ୍ବୁଲାନ୍ସ ଯୋଗେ ବାଲାଜୀଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତ ବାଲାଜୀଙ୍କ ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ ।

## ବିଭିନ୍ନ ଚର୍ଚ୍ଚରେ ବଡ଼ଦିନ; ଯୋଗ ଦେଲେ ବିଧାୟକ



ଗୁମ୍ମା,୨୬ ।୧୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ବିଭିନ୍ନ ଚର୍ଚ୍ଚରେ ବଡ଼ଦିନ ପାଳିତ ହୋଇଛି । ଗୁମ୍ମା ବ୍ଲକ ଗାଇବା, ଗୁମ୍ମା, ସେରଙ୍ଗ ଓ ପାତିମୂଳ କଲୋନୀରେ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଖ୍ରୀଷ୍ଟମାସ ପାଳନରେ ଯୋଗ ଦେଇଥିଲେ । ଗ୍ରାମକୁ ଆସି ଚର୍ଚ୍ଚରେ ଉପସ୍ଥିତ ହୋଇ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପାଳକ, ଚାଳକ ଏବଂ ଡ଼ିକନ ମାନଙ୍କୁ କିଛି ଉପହାର ପ୍ରଦାନ କରିଥିଲେ । ସେହିପରି ଗୁମ୍ମା ବ୍ଲକର ସେରଙ୍ଗ, ପି.କଲୋନୀ, କୃଷ୍ଣଚନ୍ଦ୍ରପୁର, ଗାଇବା ଆଦି ବିଭିନ୍ନ ଗ୍ରାମର ଚର୍ଚ୍ଚକୁ ଯାଇ ଖ୍ରୀଷ୍ଟିଆନ ଭାଇଭଉଣୀଙ୍କୁ ଖ୍ରୀଷ୍ଟମାସର ଅଭିନନ୍ଦନ ଜଣାଇ ପ୍ରତ୍ୟେକ ଚର୍ଚ୍ଚରେ ପ୍ରଭୁଯୀଶୁଙ୍କ ପ୍ରାର୍ଥନାରେ ସାମିଲ ହୋଇ ଆଶୀର୍ବାଦ ନେଇଥିଲେ । ବିଧାୟକ ପ୍ରତ୍ୟେକ ଚର୍ଚ୍ଚ ଫାଦର ଓ ପାଷ୍ଟରମାନଙ୍କୁ ଖ୍ରୀଷ୍ଟମାସର ଉପହାର ମଧ୍ୟ ପ୍ରଦାନ କରିଥିବାରୁ ବିଭିନ୍ନ ଚର୍ଚ୍ଚର କର୍ମକର୍ତ୍ତା ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ସର୍ଟସର୍କିଟ୍ ଯୋଗୁ ଜଳିଗଲା ଘର

### ବିପନ୍ନଙ୍କୁ ଭେଟିଲେ ବିଧାୟକ

ପାରଳାଖେମୁଣ୍ଡି,୨୬ ।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପରିଷଦ ୱାର୍ଡ ନମ୍ବର-୬ ଅନ୍ତର୍ଗତ ରେଲିସେରି ସାହିର ଏକ ଘରେ ସର୍ଟସର୍କିଟ ଯୋଗୁ ନିଆଁଲାଗି ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ପ୍ରକାଶଯେ, ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଘରର ସମସ୍ତ ଆସବାବପତ୍ରକୁ ବ୍ୟାପି ଯାଇଥିଲା । ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା । କେ. ପ୍ରଶାନ୍ତି ଜଣେ ଗରିବ ଶ୍ରେଣୀର ମହିଳା ହୋଇଥିବା ବେଳେ ସେ ତାଙ୍କ ୨ ଝିଅ ସହ ରହୁଥିଲେ । ସେଠୀ ପହଞ୍ଚି ପ୍ରଶାନ୍ତିଙ୍କ ସହ ଆଲୋଚନା କରିଥିଲେ । ବିଧାୟକ ଶ୍ରୀ ପାଣିଗ୍ରାହୀ କ୍ଷତିଗ୍ରସ୍ତ ମହିଳାଙ୍କୁ ନିଜ ତରଫରୁ ଆର୍ଥିକ ରାଶି ପ୍ରଦାନ କରି ଯଥା ସମ୍ଭବ ସହାୟତା ପାଇଁ ପାରଳାଖେମୁଣ୍ଡି ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ଆବାସିକ ଯୋଜନାରେ ଘର





କେ. ପ୍ରଶାନ୍ତି ନାମକ ଜଣେ ମହିଳାଙ୍କ ଘରେ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିଲା । ବିଦ୍ୟୁତ୍ ତାର ଗୁଡ଼ିକ ତରଳି ଖଟର ଶେଜ ଉପରେ ପଡ଼ିବାରୁ ନିଆଁ ଜୋର୍‌ରେ ବ୍ୟାପି ତାଙ୍କ ସ୍ୱାମୀ ଆନ୍ଧ୍ରରେ ଦାଦନ ଭାବେ କାର୍ଯ୍ୟ କରୁଛନ୍ତି । ଅଗ୍ନିକାଣ୍ଡ ଖବର ପାଇ ପାରଳା ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଏବଂ ପୌରାଧକ୍ଷା ନିର୍ମଳା ଯୋଗାଇବାକୁ ଫୋନ୍ ଯୋଗେ ଆଲୋଚନା କରିଥିଲେ । ସେହିପରି ପୌରାଧକ୍ଷା ଶ୍ରୀମତୀ ସେଠୀ ପୌରପରିଷଦ ପକ୍ଷରୁ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ତେଙ୍ଗେଡ଼ାପଥର ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚରେ ବଡ଼ଦିନ

ଟିକାବାଲି,୨୬।୧୨(ସମିସ): ଟିକାବାଲି ବ୍ଲକ ତେଙ୍ଗେଡ଼ାପଥର ସ୍ଥିତ ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚ ପରିସରରେ ବଡ଼ଦିନ ପାଳିତ ହୋଇଛି । ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂହତି ଓ ଭାଇଚାରାକୁ ବଜାୟ ରଖିବା ଲକ୍ଷ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ଉତ୍ସବରେ ସାମ୍ପ୍ରଦାୟିକ ସଦ୍‌ଭାବନା ଦେଖିବାକୁ ମିଳିଥିଲା । ଫାଦର୍ ହିମାଂଶୁ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଭୁ ଯୀଶୁଙ୍କ ଶାନ୍ତି ଓ ପ୍ରେମର ବାର୍ତ୍ତା ପ୍ରଦାନ କରିଥିଲେ । ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ରମବିଶି ଦିଗାଲ, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, ଶଶିଭୂଷଣ ଭୋଇ, ସମୀର ଭୋଇ ଏବଂ ବିକ୍ରମ ସିଂ ଦଳବେହେରା ଉପସ୍ଥିତ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଫିଲିପ ନାୟକ ଓ ପ୍ରଦ୍ୟୁମ୍ନ ପରିଚାଳନା କରିଥିଲେ । ଏହି ସଭାରେ ଫାଦର ଲେବିୟ ରଇତ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରଦୀପ କୁମାର ଦିଗାଲ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ମଣ୍ଡଳୀର ପ୍ରାଚୀନ ଚକ୍ର ଦିଗାଲ ସମସ୍ତଙ୍କୁ ବଡ଼ଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ ଏବଂ ପାଳକ ବାବୁଲି ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଳାରେ ନିଆଁ; ଲକ୍ଷାଧିକ ଟଙ୍କାର ଧାନ ନଷ୍ଟ



ମୋହନା,୨୬।୧୨(ସମିସ): ମୋହନା ଥାନା ଯୁବ ପଞ୍ଚାୟତ ଭାଲିଆଗଣ୍ଡା ଗାଁରେ ଶୁକ୍ରବାର ଭୋରରେ ଏକ ଖଳାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଧାନ ନଷ୍ଟ ହୋଇଛି । ଭୋରରେ କୌଣସି କାରଣ ବଶତଃ ଧାନ ଖଳାରେ ନିଆଁ ଲାଗିଯାଇଥିଲା । ଖଳାରେ ଥିବା ଗାଁର ଫାଉସ୍ଟିନ ରଇତ, ଜୋସେଫ ରଇତ, ପ୍ରକାଶ ମାଝୀ, ପ୍ରାଞ୍ଚିସ ମାଝୀ, ଶୁକ୍ରୁ ରଇତ, ସୁଶାନ୍ତ ମାଝୀ ଓ ମାର୍ଶାଲ ରଇତ ଆଦି ୭ ପରିବାରର ଲକ୍ଷାଧିକ ଟଙ୍କାର ଅମଳ ଧାନ ପୋଡି ନଷ୍ଟ ହୋଇଯାଇଛି । ଖବର ପାଇ ମୋହନା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବର୍ଷ ତମାମ ପରିଶ୍ରମ କରି ଅମଳ କରିଥିବା ସୁନାର ଫସଲ ନଷ୍ଟ ହୋଇଯିବା ଫଳରେ ଚାଷୀ ହତାଶ ହୋଇ ପଡିଛନ୍ତି । କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



କୋଦଳା,୨୬ ।୧୨(ସମିସ): ବେଗୁନିଆପଡ଼ା ଠାରେ ବ୍ଲକସ୍ତରୀୟ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଭବାନୀ ଶଙ୍କର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାକୁ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ମତ୍ସ୍ୟ ବିଭାଗ ଡେପୁଟି ଡାଇରେକ୍ଟର ସୁରେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ବିଡିଓ ସସ୍ମିତା ଶତପଥି, ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ସୁବାଶିଷ ମିଶ୍ର, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଆସିକା ସାଂସଦ ପ୍ରତିନିଧି ଆଲୋକ କୁମାର ଶତପଥି, ଜ୍ୟୋତି ରଞ୍ଜନ ପ୍ରଧାନ, ଭିଏସ ପ୍ରଭୁଦତ୍ତ ପତି, ଭିଏସ ସ୍ୱାଗତ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ । ପ୍ରାଣୀ ସମ୍ପଦ ଅଧିକାରୀ ଗଣେଶ ଚନ୍ଦ୍ର ମହାନ୍ତି, ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ବ୍ଲକ ମତ୍ସ୍ୟ ଅଧିକାରୀ ଶିବାନୀ ମହାନ୍ତି, ସହକାରୀ ମତ୍ସ୍ୟ ଅଧିକାରୀ ସଂସ୍କୃତି ପାଟରା, ସାର୍ଥକ ସିଦ୍ଧାର୍ଥ ପ୍ରଧାନ ଉପସ୍ଥିତ ରହିଥିଲେ । ଡାକ୍ତର ଅମିତ ପଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ଼ାକ୍ତର ରିଶି ନନ୍ଦ, ଡାକ୍ତର ଐଶ୍ୱର୍ଯ୍ୟା ଦାସଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ସାଂସଦ ପ୍ରତିନିଧି ବିଜୟ କୁମାର ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଭାରତ ଭୂଷଣ ଜେ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରି ଡ.ଅରବିନ୍ଦ ବେହେରା, ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଉପାଧ୍ୟକ୍ଷା ରିଙ୍କି ନାୟକ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅଞ୍ଜନ କୁମାର ଦାସ, ସଭାପତି ଭାବେ ବ୍ଲକ

**ଧରାକୋଟ:** ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି । ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମାନସ ରଞ୍ଜନ ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମତ୍ସ୍ୟ, ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ସମ୍ମାନିତ ଅତିଥି ଭାବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ଆସିକା ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ, ଓୟୁଏଟିର ବିଶେଷଜ୍ଞ ଡା.ଅନିଲ କୁମାର ନାହାକ, ପ୍ରାଧ୍ୟାପକ ବିଶ୍ୱ ରଞ୍ଜନ ଜେନା, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଅଞ୍ଜନ କୁମାର ଦାସ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭାରତ ଭୂଷଣ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରବୀଣ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ସୁନ୍ଦର ଉପଦେଶ ଦେଇଥିଲେ । ଏହି ଅବସରରେ ସଫଳ ଚାଷୀ ମାନଙ୍କୁ ପୁରସ୍କୃତ କରିବା ସହିତ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଡେଙ୍ଗାଓସ୍ତା ପ୍ରାଣୀ ଚିକିତ୍ସାଧିକାରୀ ସୁଲେଖା ପଣ୍ଡା ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ପ୍ରାଣୀଧନ ନିରୀକ୍ଷକ ସହଯୋଗ କରିଥିଲେ ।



## ଆସିଲେନି ନିର୍ବାହୀ ଅଧିକାରୀ; କାଉନ୍‌ସିଲ ବୈଠକ ବାତିଲ




### ଅସନ୍ତୋଷ ଝାଡ଼ିଲେ ଅଧ୍ୟକ୍ଷା

କାଶୀନଗର,୨୬।୧(ସମିସ): ଗଜପତି ଜିଲ୍ଲା କାଶୀନଗରରେ ଶୁକ୍ରବାର ଅପରାହ୍ନରେ ଏନ୍‌ଏସିର କାଉସିଲ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ନିଷ୍ପତ୍ତି ସମ୍ପର୍କରେ ନିର୍ବାହୀ ଅଧିକାରୀ ଭାଗବତ ସାହୁ ଅବଗତ ଥିଲେ ମଧ୍ୟ ବୈଠକରେ ଯୋଗ ଦେଇ ନଥିଲେ । ସେ କାଶୀନଗରରେ ଅନୁପସ୍ଥିତ ଥିବା ଜଣାପଡ଼ିବା ପରେ ଅଧ୍ୟକ୍ଷା ଏମ.ସୁଧାରାଣୀ ବୈଠକ ବାତିଲ୍ କରିବା ସହ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ବୈଠକ ପାଇଁ କୋରମ୍ ଥିବା ସତ୍ତ୍ୱେ ଅଧିକାରୀ ଅନୁପସ୍ଥିତ ଯୋଗୁ ବୈଠକ ହୋଇ ପାରିଲାନାହିଁ । ଓଡିଶା ମ୍ୟୁନିସିପାଲ ରୁଲ୍-୧୯୫୩ ଅନୁଯାୟୀ ନିର୍ବାହୀ ଅଧିକାରୀ ଛୁଟିରେ ଯିବା ପୂର୍ବରୁ ସମ୍ପୃକ୍ତ ଅଧ୍ୟକ୍ଷ ବା ଅଧ୍ୟକ୍ଷାଙ୍କୁ ଜଣାଇବା ଜରୁରୀ । କାଶୀନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ବାରମ୍ବାର ଉକ୍ତ ନିୟମର ଉଲ୍ଲଙ୍ଘନ କରୁଛନ୍ତି ବୋଲି କୁହାଯାଇଥିଲା । ପ୍ରକାଶ ଯୋଗ୍ୟ ଯେ , ନିର୍ବାହୀ ଅଧିକାରୀ କର୍ତ୍ତବ୍ୟର ଅବହେଳା କରୁଥିବା ନେଇ ଜନସାଧାରଣଙ୍କ ଭିତରେ ବି ଅସନ୍ତୋଷ ଲାଗି ରହିଛି । ପୂର୍ବରୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଅଟକି ରହିଥିବା ବିକାଶମୂଳକ ଓ ଅଧପନ୍ତରିଆ କାମ ଶେଷ କରିବା ସହ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିବା ପରେ ମଧ୍ୟ ସେ କୌଣସି ପଦକ୍ଷେପ ନେଉନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସହରରେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ପଛରେ ତାଙ୍କର ଖାମଖିଆଲି ମନୋଭାବ ଓ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପକୁ ବୁଦ୍ଧିଜୀବୀ ଦାୟୀ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଉଚିତ୍ ପଦକ୍ଷେପ ଗ୍ରହଣ କରିବା ସହ ଉକ୍ତ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଦାବି ହୋଇଛି ।

## ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ଜଳିଗଲା



ପାତ୍ରପୁର,୨୬।୧୨ (ସମିସ): ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ତହସିଲ ଅନ୍ତର୍ଗତ ବରଙ୍ଗ ଗ୍ରାମରେ ଅମଳ ହୋଇଥିବା ଧାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ପାଉଁଶ ହୋଇଯାଇଛି । ଉକ୍ତ ଗ୍ରାମର ବି.ନେଲେୟା ଅମଳ କରି ଗ୍ରାମ ନିକଟ ଖଳାରେ ଧାନ ରଖିଥିଲେ । କୌଣସି କାମରେ ଘରକୁ ଯାଇଥିବା ବେଳେ ଧାନ ଗଦାରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା । ପାତ୍ରପୁର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ । କେଉଁ କାରଣରୁ ନିଆଁ ଲାଗିଲା ନା କିଏ ନିଆଁ ଲଗେଇ ଦେଲା ତାହା ଜଣାପଡ଼ିନାହିଁ । ଘଟଣାର ତଦନ୍ତ ସହ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି ।

## ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ ଆସୋସିଏସନ୍‌ର ଆନ୍ଦୋଳନ; ରୋଗୀ ସେବା ପ୍ରଭାବିତ

ରାଇକିଆ,୨୬।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦ ଖାଲି ରହିଛି । ଏହି ପଦ ପୂରଣ କରିବା ସହ ଅନ୍ୟକିଛି ଦାବି ନେଇ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ ଆସୋସିଏସନ୍ । ଆଜିଠାରୁ ଏକ ଘଣ୍ଟା ବର୍ହିବିଭାଗ ରୋଗୀ ସେବା ବନ୍ଦ କରଯାଇଛି । ଏହାକୁ ସମର୍ଥନ ଜଣାଇ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତ ବର୍ହିବିଭାଗ ରୋଗୀ ସେବା ବନ୍ଦ ରହିଥିଲା । ଆନ୍ଦୋଳନ ପ୍ରତ୍ୟାହାର ପର୍ଯ୍ୟନ୍ତ ଏହିପରି ପ୍ରତ୍ୟେକ ଦିନ ଏକ ଘଣ୍ଟା ସେବା ବନ୍ଦ ରହିବ ବୋଲି ରାଇକିଆ ମେଡିକାଲ ଇନ୍‌ଚାର୍ଜ ପ୍ରକାଶ କରିଛନ୍ତି ।

## ମଣ୍ଡି ଖୋଲିବାରେ ବିଳମ୍ବ

# ଆନ୍ଧ୍ର ଦଲାଲଙ୍କୁ ଧାନ ବିକୁଛନ୍ତି ଗଜପତି ଚାଷୀ

ପାରଳାଖେମୁଣ୍ଡି,୨୬।୧୨(ସମିସ)




ଗଜପତି ଜିଲ୍ଲାରେ ଧାନମଣ୍ଡି ଖୋଲିବା ପୂର୍ବରୁ ଆନ୍ଧ୍ର ଦଲାଲଙ୍କୁ ଧାନ ବିକୁଛନ୍ତି ଚାଷୀ । ଜିଲ୍ଲାରେ ଡିସେମ୍ବର ୩୦ ତାରିଖରେ ଧାନ ମଣ୍ଡି ଖୋଲିବା ପାଇଁ ନିର୍ଦ୍ଧାରିତ ହୋଇଥିବା ବେଳେ ଧାନକ୍ରୟ ପାଇଁ ଜିଲ୍ଲାରେ ସଚେତନତା ପ୍ରଚାର ରଥ ପରିକ୍ରମା କରୁଛି । ଏହି ପ୍ରଚାର ରଥ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଆଦି ସହ ସଫାସୁତୁରା ଧାନ ମଣ୍ଡିକୁ ନେବେ ବୋଲି ଚାଷୀଙ୍କୁ ସଚେତନ କରୁଛି । ଚଳିତ ଖରିଫରେ ରାଜ୍ୟ ସରକାର ସାଧାରଣ ଧାନ କ୍ୱିଣ୍ଟାଲ ୩୧୬୯ ଟଙ୍କା ଏବଂ ଗ୍ରେଡ୍-‘ଏ’ ଧାନ କୁଇଣ୍ଟାଲ ପିଛା ୩୧୮୯ ଟଙ୍କା ଦର ନିର୍ଦ୍ଧାରଣ କରିଛନ୍ତି । ହେଲେ ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ଚାଷୀ ଧାନ ସମ୍ପର୍କିତ ସମସ୍ତ ତଥ୍ୟ ଜାଣିଥିଲେ ମଧ୍ୟ ଆନ୍ଧ୍ରର ଧାନ ବେପାରୀଙ୍କୁ ଧାନ ବିକ୍ରି କରୁଥିବା ଦେଖାଯାଉଛି । ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ କୌଣସି ଧାନ ଆନ୍ଧ୍ରକୁ ବିକ୍ରି କରିବାକୁ ସୁଯୋଗଦେବୁ ନାହିଁ ଆଉ ଏଥିପାଇଁ ବିଭିନ୍ନ ଫୋର୍ସ ମୁତୟନ ରହିବେ ବୋଲି କହିଚାଲିଛନ୍ତି । ଏନେଇ ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ଚାଷୀ କହିଛନ୍ତି ଯେ, ରାଜ୍ୟ ସରକାର ଧାନକ୍ରୟ ପାଇଁ ଭଲ ଦର ନିର୍ଦ୍ଧାରଣ କରିଥିଲେ ମଧ୍ୟ ଅଖା ବାବଦକୁ ଟଙ୍କା ନଦେବା, ଧାନ ଖଳାରୁ ଧାନ ମଣ୍ଡି ପର୍ଯ୍ୟନ୍ତ ଏବଂ ମଣ୍ଡିରୁ ମିଲ ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ନଦେବା, ମିଲର ଧାନକୁ ଏଣୁତେଣୁ କହି କଟନୀ ଛଟନୀ କରି ଅଧିକ ଧାନ ନେବା ଆଦିକୁ ଦେଖିଲେ ସରକାର ଦେଉଥିବା ଇନପୁଟ୍ ସହାୟତା ରାଶିରୁ ଅଧିକା ଖର୍ଚ୍ଚ ହେଉଛି । ଏହାସହ ଜଙ୍ଗଲପାଡୁ, ବଡନୀଳାପୁର, ଗୋଷାଣି, ମହାଦେଇପୁର, ଇଂଲିଶପେଣ୍ଟ, ଗୁରାଣ୍ଡି ଆଦି ଗ୍ରାମାଞ୍ଚଳରେ ବାର୍‌ହା ଉପଦ୍ରବ ବଢି ଚାଲିଛି । ବାର୍‌ହା ଅମଳ ହୋଇ ଖଳାରେ ଥିବା ଧାନକୁ ନଷ୍ଟ କରୁଛନ୍ତି । ଏ ବାବଦରେ ଶୀତକାକର ରାତିରେ ଉଜାଗର ରହି କେତେଦିନ ଆଉ ବାର୍‌ହା ଘଉଡ଼ାଇବୁ?

ଏହା ସହ ଅକ୍ଟୋବର ମାସରେ ଦୁଇ ଦୁଇ ଥର ଲଗାଣ ବର୍ଷା ଯୋଗୁ ଧାନ ବେରଙ୍ଗ ହେବା ସହ ନଷ୍ଟ ମଧ୍ୟ ହୋଇସାରିଛି । ଏପଟେ ସରକାର ଧାନର ମାନ ନିର୍ଦ୍ଧାରଣରେ ଏହି ଧାନ ଉଚିତ ମୂଲ୍ୟରେ ବିକ୍ରି ହେବ କି ନାହିଁ ତାହା ସନ୍ଦେହ । ଟୋକନ୍ ଦ୍ୱାରା କେଉଁ ଚାଷୀର କେତେ ପରିମାଣର ଧାନ ଯିବ ତାହା ସ୍ପଷ୍ଟ ହୋଇପାରିନାହିଁ । ତେଣୁ ନାନାଦି ଆଶଙ୍କା ଉପୁଜୁଥିବାରୁ ଆନ୍ଧ୍ରର ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛୁ ବୋଲି ବହୁ ଚାଷୀ କହିଛନ୍ତି । ଆନ୍ଧ୍ରର ଧାନ ବେପାରୀ ଧାନର ଗୁଣବତ୍ତା ଯାଞ୍ଚ କରୁନାହାନ୍ତି କି ଚାଷୀଙ୍କୁ କୌଣସି ଅତିରିକ୍ତ ଖର୍ଚ୍ଚ ବୋଝ ନଲଦି ଧାନ ନିଜ ନିଜର ଗାଡି ଲଗାଇ କ୍ୱିଣ୍ଟାଲ ପିଛା ୧୯୦୦ ଟଙ୍କା ହାତରେ ନଗଦ ଦେଇ ନେଇଯାଉଛନ୍ତି । ତେଣୁ ଏସବୁକୁ ଲକ୍ଷ୍ୟ କରି ଏପରି ଆନ୍ଧ୍ରର ବେପାରୀଙ୍କ ହାତରେ ଧାନ ଟେକି ଦେଉଥିବା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଚଳିତ ମାସ ୩୦ ତାରିଖରେ ଧାନମଣ୍ଡି ଖୋଲାଯିବା ପାଇଁ ସମସ୍ତ ପ୍ରସ୍ତୁତି ପ୍ରଶାସନ ପକ୍ଷରୁ କରାଯାଉଛି । ଆଉ ବିଭାଗୀୟ ବୈଠକ ପରେ ବୈଠକ ମଧ୍ୟ ହେଉଛି । ଆନ୍ଧ୍ରକୁ ଧାନ କିପରି ଚାଲାଣ ନ ହେବ ସେନେଇ ଏନଫୋର୍ସମେଣ୍ଟ ଟିମ୍ ମଧ୍ୟ ଗଠନ କରାଯାଉଥିବାର କୁହାଯାଉଛି । ହେଲେ ଗଜପତି ଜିଲ୍ଲା ଗୋଷାଣି ବ୍ଲକର କିଛି ଚାଷୀ ଏସବୁକୁ ଜାଣି କି ନଜାଣି ଆନ୍ଧ୍ରକୁ ବିକ୍ରି କରୁଥିବା ଜଣାପଡିଛି ।

### ୧୯ ଶହ ଟଙ୍କା ନଗଦ ଦେଇ କିଣି ନେଉଛନ୍ତି

### ମଣ୍ଡିରେ ବିଭିନ୍ନ କଟକଣା ଯୋଗୁ ଚାଷୀ ହତାସ

# ବିଜେଡି ପ୍ରତିଷ୍ଠା ଦିବସରେ ବିଜୟ ପାଇଁ ସଂକଳ୍ପ

**ବିଭିନ୍ନ ସ୍ଥାନରେ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ବିଜେଡି ନେତା, କର୍ମୀଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗଦେଇ ଆଗାମୀ ଦିନରେ ଦଳକୁ ମଜଭୁତ କରି ପଞ୍ଚାୟତ ନିର୍ବାଚନରେ ପୁଣି ଥରେ କ୍ଷମତାକୁ ଫେରିବା ସହ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ସଂକଳ୍ପ ନେଇଛନ୍ତି ।**














ବ୍ରହ୍ମପୁର,୨୬।୧୨(ସମିସ)

ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ପାଳିତ ହୋଇଯାଇଛି । ଗୋପାଳପୁର ତଥା ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଏକ ପଟୁଆରେରେ ଯାଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ ଥିଲେ । ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏ. ଜାନକୀ ରାମ, ରଙ୍ଗେଇଲୁଣ୍ଡା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଅଜିତ ଦାଶ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଜିଲ୍ଲା ପରିଷଦ ସଦସ୍ୟ ଦୀପକ ସାମନ୍ତରା, ରାମହରି ପାତ୍ର, କର୍ପୋରେଟର ସୋନାଲି ଗନ୍ତାୟତ, ଶ୍ୱେତରେଖା ତ୍ରିପାଠୀ, ସତ୍ୟନାରାୟଣ ତ୍ରିପାଠୀ, ଗୋପାଳପୁର ଏନଏସିର ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ମହାନ୍ତି, ତଅପୋଇ ଦାସ, ଦଣ୍ଡପାଣି ସାହୁ, ବିନୋଦ ମହାଙ୍କୁଡ ଓ ପ୍ରତାପ କୋଠିଆଙ୍କ ସମେତ ବହୁ କାଉନସିଲର ଯୋଗ ଦେଇଥିଲେ ।

କୁକୁଡାଖଣ୍ଡି,୨୬ ।୧୨(ସମିସ): କୁକୁଡାଖଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ପ୍ରେମୀ ଏବଂ ବିଜେଡି ନେତାମାନେ ଏକତ୍ରିତ ହୋଇ ପୁଷ୍ପମାଲ୍ୟ ଅର୍ପଣ କରି ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି । ଏହି ଅବସରରେ ବିରିଷ୍ଠ ବିଜେଡି ନେତା କୈଳାଶ ରଣା, କେ.ମଣି, ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ପାତ୍ର, କିଶୋର ପାତ୍ର, ଭଗବାନ ସ୍ୱାଇଁ, ଶିବାନୀ ସେଠୀ, ଭାରତୀ ନାୟକ, ନିରୁପମା ପାତ୍ର, ସୁରେଶ ସାହୁ, ନମିତା ପାତ୍ର, ଅନିଲ ଗୌଡ଼, ଚେନେୟା, ସୋମନାଥ ସେଠୀ, ସଞ୍ଜୟ ସାହୁ, ସତ୍ୟନାରାୟଣ ସାମଲ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ବ୍ଲକ ଅନ୍ତର୍ଗତ ଲାଠୀ ପଞ୍ଚାୟତରେ ସରପଞ୍ଚ ରାଧମୋହନ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ପ୍ରତିନିଧି ଶିଶିର ଦାସ, ଯୋଗେନ୍ଦ୍ର ସେଠୀ, ଶିଶିର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

**ଧରାକୋଟ:** ଧରାକୋଟ ରାଜବାଟି ପରିସରରେ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, ଅମିନ ପ୍ରଧାନ, ଟୁକୁନା ଗୌଡ଼, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଶଙ୍କର ସ୍ୱାଇଁ, ରାଜୀବ ପାତ୍ର, ସାନଖେମୁଣ୍ଡି ବ୍ଲକ ବିଜେଡି ସଭାପତି ଦନାରଦନ ପଲେଇ, ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ସାହୁ, ପ୍ରତିନିଧି ସଞ୍ଜୟ ନାୟକ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ଦିଲିପ ଜେନା, ସୀମାଞ୍ଚଳ ଗୌଡ଼, ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁ, ଲିଟୁ ଭୂୟାଁ, ସମିତି ସଭ୍ୟ ଦୟାନିଧି ପ୍ରଧାନ, ଚୁଡ଼ାମଣି ସ୍ୱାଇଁ, ସଞ୍ଜୟ ରାଉତ, ବରିଷ୍ଠ ନେତା ଗୋବିନ୍ଦ ସ୍ୱାଇଁଙ୍କ ସମେତ ଦୁଇ ଶହରୁ ଅଧିକ କର୍ମୀ ଉପସ୍ଥିତ ରହିଥିଲେ ।

**ପୋଲସରା:** ପୋଲସରାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଶ୍ରମ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଥିଲେ । ବିଜେଡି ବୁଗୁଡ଼ା ବ୍ଲକ ସଭାପତି ଖଦାଳ ଖଟେଇ, ଏନ୍ଏସି ଅଧ୍ୟକ୍ଷା ସଙ୍ଗିତା ବେହେରା, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ବୁଗୁଡ଼ା ଏନ୍ଏସି ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଧାଂଶୁ ଶେଖର ପାଢ଼ୀ, ଜିଲ୍ଲା ପରିଷଦ ମେମ୍ବର ଅଶୋକ କୁମାର ବିଷୋୟୀ, ବିକ୍ରମ ନାୟକ ଓ ଝୁନୁ ଦାସ, ସରପଞ୍ଚ ଉତ୍କଳ ପ୍ରଧାନ, ଦୀପିକା ବାରିକ, ପବିତ୍ର ରାଉତ, କନକ ମଞ୍ଜରୀ ରାଉତ, ବବିତା ମହାପାତ୍ର, ପ୍ରଶାନ୍ତ ଦାସ, କେ ତ୍ରିଲୋଚନ ଦୋରା, ଟିକୁ ବାରିକ, ଶିବଶଙ୍କର ବେହେରା, ବିଜୟ ସ୍ୱାଇଁ, ସୂର୍ଯ୍ୟନାରାୟଣ ମହାନ୍ତି, କିଶୋର ବେହେରା, ଜିତେନ୍ଦ୍ର କୁମାର ସ୍ୱାଇଁ, କାର୍ତ୍ତିକ ଜେନା, ହରିହର ବିଷୋୟୀ, କାର୍ତ୍ତିକ ସାହାଣୀ, ସୁଶାନ୍ତ ପ୍ରଧାନ ଯୋଗଦେଇଥିଲେ ।

**ଆସିକା:** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଆସିକା କଳିଙ୍ଗ ରୋଡ ଥିବା ବିଜେଡି କାର୍ଯ୍ୟାଳୟରୁ ଏକ ବିରାଟ ମୋଟର ସାଇକେଲ ରାଲି କରାଯାଇଥିଲା । ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଦକ୍ଷିଣ ଜୋନ ସରପଞ୍ଚ ମହା ସଙ୍ଘ ସଭାପତି ଭବାନୀ ଶଙ୍କର ମଲିକ, ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ସରପଞ୍ଚ ଜୟ ସେନ ସ୍ୱାଇଁ, ବିଦ୍ୟନ୍ତ ଚର୍ଚ୍ଚି, ସନ୍ତୋଷ ନାୟକ, ଗୌରହରି ବେହେରା, ପ୍ରସନ୍ନ ତ୍ରିପାଠୀ, ଜୟନ୍ତ ବେହେରା, ତ୍ରିନାଥ ବେହେରା, ଜୟନ୍ତୀ ବିଷୋୟୀ, ଅମୂଲ୍ୟ ଉପାଧ୍ୟାୟ, ରଶ୍ମିତା ସେନାପତି, ନୀଳାଞ୍ଚଳ ମଣ୍ଡଳଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ଛାମୁଆ ନେତା ଉପସ୍ଥିତ ଥିଲେ ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ବ୍ଲକ ଓ ଏନଏସି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ବ୍ଲକ ସଭାପତି ନିଳମଣୀ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ପାଣ୍ଡିଆ ଛକ ନିକଟରେ ପହଂଚି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟର୍ପଣ ଦେଇଥିଲେ । ଏଥିରେ ପୂର୍ବତନ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ଯୋଗ ଦେଇଥିଲେ । ପୁରୁଷୋତ୍ତମପୁର ନଗର ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କାଉସିଲର ଅଶୋକ କୁମାର ମହାଙ୍କୁଡ, ଜଗନ୍ନାଥ ସାହୁ, କମଲଲୋଚନ ମହାପାତ୍ର ସମେତ ବହୁ ବିଜୁପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଶେରଗଡ:** ବିଧାୟକଙ୍କ ପ୍ରତିନିଧି ଦିଗାମ୍ବର ନାହାକ ଓ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ପାଣିଗ୍ରାହୀ, ଆମ୍ବାର ଅଧ୍ୟକ୍ଷ ରଞ୍ଜନ ସେଠି, ତହଁର ସରପଞ୍ଚ ଶିବରାମ ମେହେଣା, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ମେଘନାଦ ଦାସ, ବରିଷ୍ଠ ସମାଜସେବୀ ଦୁର୍ଗା ମାଧବ ବିଷୋୟୀଙ୍କ ସହିତ ବହୁ ବିଜେଡି କର୍ମକର୍ତ୍ତା, ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

**ରମ୍ଭା:** ଦଳର ନଗର ସଭାପତି ଶ୍ରୀକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ପୂର୍ବତନ ନଗରପାଳ ବିଜୟ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ଅଧ୍ୟକ୍ଷା ସୌଦାମିନୀ ବିଶ୍ୱାଳ, ଗଦାଧର ପରିଡା, ବନବାସୀ ନାହାକ, କାମେଶ୍ୱର ବେହେରା, ଜୟ ବିଶ୍ୱାଳ, ବିଜୟ ବେହେରା, ଅବସରପ୍ରାପ୍ତ ପୁଲିସ ଅଫିସର ସୁରେଶ ନାହାକ, ରାଜେନ୍ଦ୍ର ପାତ୍ର, ବାବାଜୀ ପାତ୍ର, ଧନୁ ପାହାନ, ପ୍ରଶାନ୍ତ ନାୟକ, ଚନ୍ଦ୍ରଶେଖର ନାହାକ ସହିତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ ।

**ଦିଗପହଣ୍ଡି:** ଦିଗପହଣ୍ଡିରେ ବିଜେଡି କାର୍ଯ୍ୟାଳୟ ପରିସରରେ ବିଜେଡ଼ି ନଗର ସଭାପତି ତାରା ପ୍ରସାଦ ପଟ୍ଟନାୟକ ଏବଂ ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କ ବ୍ୟକ୍ତିଗତ ସଚିବ ସିଏଚ.ସିମାଦ୍ରୀଙ୍କ ମିଳିତ ସଂଯୋଜନାରେ ସଭା ଆୟୋଜିତ ହୋଇଥିଲା । ଏଥିରେ ପୂର୍ବତନ ଏନଏସି ନଗରପାଳ ହୃଦରଞ୍ଜନ ମେକାପ, ଭି. ରବିନାରାୟଣ ରାଜୁ, ଶମ୍ଭୁ ପଣ୍ଡା, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ଜ୍ୟୋତ୍ସ୍ନା ଜେନା, ପି.ମାଧବ ରାଓ, ରଞ୍ଜନ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ସମିତି ସଭ୍ୟ କୃଷ୍ଣ ସେଠୀ, ପୂର୍ବତନ କାଉନସିଲର ନିରୂପମା ପଟ୍ଟନାୟକ, ମାଗି ସେଠୀ, ବିକାଶ ମଣ୍ଡଳ, ନୀଳକଣ୍ଠ ପଟ୍ଟନାୟକ, ବିପ୍ଳବ ମିଶ୍ର, କୁଞ୍ଜ ବିହାରୀ ରଥ, ଅରକ୍ଷିତ ପ୍ରଧାନ, ରମେଶ ଚନ୍ଦ୍ର ଜେନା, ପ୍ରହଲ୍ଲାଦ ଭୂୟାଁ , ଅନୀତା ବେହେରା , ଉମା ମହେଶ୍ୱରୀ ସେଠୀ, ଶୁଭଲକ୍ଷ୍ମୀ ପଟ୍ଟନାୟକ, ସୁନୀଲ ମହାଙ୍କୁଡ, ସମୀର ସ୍ୱାଇଁ, ଗଣେଶ ରେଡ୍ଡୀ, ଜିତେନ୍ଦ୍ର ମାର୍ଥା, ଲକ୍ଷ୍ମୀ ନାରାୟଣ ପାଢ଼ୀ, ନିଗମ ପ୍ରସାଦ ପଣ୍ଡା, ଜିତେନ୍ଦ୍ର ଗୌଡ଼, ଜଗନ୍ନାଥ ପ୍ରଧାନ, ପିଙ୍କୁ ଘଡେଇ, ତାରକେଶ୍ୱର ଦୋରା, କିଶୋର ଦୋରା, ରାଜେନ୍ଦ୍ର ଗୌଡ଼, ଟୁନା ସେଠୀ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**ଛତ୍ରପୁର:** ଛତ୍ରପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ ଓ ଏସ. ଚକ୍ରପାଣି ରେଡ୍ଡୀ, ଗଞ୍ଜାମ ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଛତ୍ରପୁର ବିଜେଡି ବ୍ଲକ ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ନେତା ଟି. ଚନ୍ଦ୍ର ଶେଖର ରାଓ, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଯୁବ ବିଜେଡି ଛତ୍ରପୁର ବ୍ଲକ ଉପସଭାପତି କାହ୍ନୁଚରଣ ବେହେରା, କାଉନସିଲର ମାମା ସେଠି, ପ୍ରୀତି ଛନ୍ଦା ସାମଲ, ଡି. ଇନ୍ଦୁ, ବି. ନିଶ୍ଚଳା ସ୍ୱାମୀ ଓ ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଆଇନଜୀବୀ ଏଲ ଗୋପାଳ ରାଓ ଓ ଭୈରବୀ ପଟ୍ଟନାୟକ, ରାଜେଶ ମହାରଣା, ଟିକିନା ଗୌଡ଼, ଗଗନ ସ୍ୱାଇଁ, କିଶୋର ବେହେରା, ଅଭିରାମ ପ୍ରଧାନ, ସନ୍ତୋଷ କୁମାର ବେହେରାଙ୍କ ସହ ନିର୍ବାଚନ ମଣ୍ଡଳୀର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

**ଭଞ୍ଜନଗର:** ଭଞ୍ଜନଗର ବିଜେଡି ପକ୍ଷରୁ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ବୀରେନ୍ଦ୍ର କେଶରୀ ଆରୁଖ, ସରପଞ୍ଚ ରଞ୍ଜିତ ଆରୁଖ, ବିଜେଡି ନେତା ଦିବାକର ନାୟକ, ବିଜେଡି ନେତା ରାଜେନ୍ଦ୍ର କୁମାର ପ୍ରଧାନ, ଲୁଲୁ ପ୍ରଧାନ, ଭକ୍ତରାମ ଜେନା ପ୍ରମୁଖ ଯୋଗଦେଇ ବିଜେଡି ଶାସନ ସମୟରେ ରାଜ୍ୟରେ ବିକାଶ କିଭଳି ହୋଇଥିଲା ସେନେଇ କହିଥିଲେ । ସଭା ପୂର୍ବରୁ ବିଜେଡି ନେତା ମାନେ ବାଇପାସ୍ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ ।

**ସୋରଡା:** ସୋରାଡ଼ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସହ ବିଜେଡି ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ, ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ପ୍ରଦୀପ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ମହାଙ୍କୁଡ, ବିଜେଡି ବ୍ଲକ ସଭାପତି ବସନ୍ତ ସ୍ୱାଇଁଙ୍କ ସହ ସୁବାସ ଚନ୍ଦ୍ର ପଣ୍ଡା, ଭଗବାନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ ଓ ଏନ୍ଏସି ବିଜେଡି ପକ୍ଷରୁ ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢୀ ଓ ସୂର୍ଯ୍ୟନାରାୟଣ ମହାନ୍ତି, ସରପଞ୍ଚ ସୁଶାନ୍ତ ପ୍ରଧାନ, ମନୋରଞ୍ଜନ ଦାଶ, କେ.ତ୍ରିଲୋଚନ ଦୋରା, ବୁଗୁଡା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, ଜିତେନ୍ଦ୍ର ସ୍ୱାଇଁ, କବିରାଜ ଗୌଡ଼, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଖଦାଳ ଖଟେଇ, ବରୁଣ ସେନାପତି, ଅମରେନ୍ଦ୍ର ସେନାପତି, କାଉନସିଲର ଆଶୁତୋଷ ବଡେଇ, ସନ୍ତୋଷ କୁମାର ଜେନା, ରାଜେନ୍ଦ୍ର ପ୍ରସାଦ ଦାଶ, କୈଳାଶ ପ୍ରଧାନ, କାର୍ତ୍ତିକ ସାହାଣୀ, ଚୋରିଆ ମଲ୍ଲିକ, ପ୍ରଶାନ୍ତ କୁମାର ପାତ୍ର, ବାବାଜୀ ନାୟକ, ହରିହର ବିଷୋୟୀଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ ।








## ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ରମ୍ଭା ଟିମ୍ ବିଜୟୀ




ରମ୍ଭା,୨୬ ।୧୨(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାରି ରହିଛି । ୩ୟ ଦିନରେ ବ୍ରହ୍ମପୁର ଲିଡସ କ୍ରିକେଟ ଏକାଡେମୀ ଓ ରମ୍ଭା କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା । ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, ଜଗନ୍ନାଥ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ । ରମ୍ଭା ଟିମ୍ ୩ୟ ଦିନ ଖେଳରେ ବିଜୟୀ ହୋଇଥିଲା । ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଜଗନ୍ନାଥ ଚୌଧୁରୀ ବ୍ରହ୍ମପୁର ଦେଇଥିବା ବେଳେ ଏମ୍ପାୟାର ଅବଦୁଲ ରହିମ ଖାନ ଖୋର୍ଦ୍ଧା ଓ ଆଶୁତୋଷ ପାଣି ଯାଜପୁର ରହିଥିଲେ । ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମହେଶ୍ୱର ନାୟକ, ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ ସଦସ୍ୟା ଜୁଲି, ମଲି, ଇତି, ଝରଣା, ଅକ୍ଷୟିନୀ ପ୍ରମୁଖ ସହଯୋଗ କରିଥିଲେ ।

## ମା' ବାଙ୍କେଶ୍ୱରୀଙ୍କ ହୁଣ୍ଡିରୁ ମିଳିଲା ୧୧. ୯୩ ଲକ୍ଷ

ଦିଗପହଣ୍ଡି,୨୬।୧୨(ସମିସ): ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ କେରାଣ୍ଡିମାଳ ପର୍ବତ ଶିଖରରେ ପୂଜା ପାଉଥିବା ସମଗ୍ର ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ମା' ନିଜବାଙ୍କେଶ୍ୱରୀ ମନ୍ଦିର ପରିସରରେ ଥିବା ଦାନହୁଣ୍ଡି ଶୁକ୍ରବାର ଖୋଲା ଯାଇଛି । ସେଥିରୁ ୧୧ ଲକ୍ଷ ୯୩ ହଜାର ୬ ଶହ ଟଙ୍କା ମିଳିଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମଲ୍ଲିକ, କାର୍ଯ୍ୟକର୍ତ୍ତା ରାମକୃଷ୍ଣ ଚୌଧୁରୀ, ଏଫ୍. ରାଜୀବ ରେଡ୍ଡୀ, ସରପଞ୍ଚ ଲିଙ୍ଗରାଜ ଦୋରା, ପୂର୍ବତନ ସରପଞ୍ଚ ଅସିତ କୁମାର ସାହୁ, ରାଜ କିଶୋର ମହାନ୍ତି, ବିକ୍ରମ ସିଂ, ମୁଖ୍ୟ ସେବାୟତ ଜଗଦୀଶ ପଣ୍ଡାଙ୍କ ସମେତ ପରିଚାଳନା କମିଟିର ବହୁ କର୍ମକର୍ତ୍ତା ଓ ସଭ୍ୟଙ୍କ ଉପସ୍ଥିତିରେ ୫ଟି ଦାନ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା । ସମୟ ଅଭାବରୁ ମନ୍ଦିର ପରିସରରେ ଥିବା ଆଉ ଏକ ଦାନହୁଣ୍ଡି ଖୋଲା ଯାଇପାରିନାହିଁ । ମିଳିଥିବା ଅର୍ଥରାଶିକୁ ପରିଚାଳନା କମିଟି ସଭାପତିଙ୍କୁ ହସ୍ତାନ୍ତର କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଅର୍ଥରାଶିକୁ ମନ୍ଦିର ପରିଚାଳନା କମିଟି ଯୁଗ୍ମ ବ୍ୟାଙ୍କ ଖାତାରେ ଜମା କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଗତ ୨ ବର୍ଷ ପୂର୍ବେ ଦାନହୁଣ୍ଡି ଖୋଲା ଯାଇ ସେଥିରୁ ୯ ଲକ୍ଷ ଟଙ୍କା ମିଳିଥିଲା ।



## ଯୁବ ଆଇଏଏସ୍ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ପୋଲସରା,୨୬ ।୧୨(ସମିସ): ପୋଲସରା ବ୍ଲକ ଚିରିକିପଡ଼ା ଶାସନ ଗ୍ରାମର ସୁନ୍ଦର ମାଧବ ପାଢ଼ୀ ଭାରତୀୟ ପ୍ରଶାସନିକ ଅଧିକାରୀ (ଆଇଏଏସ) ଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚିରିକିପଡ଼ା ଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବୁଲୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ ନବ ନିଯୁକ୍ତ ଆଇଏଏସ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଭଗବାନ ସାହୁ, ରଞ୍ଜନ ସାହୁ, ବାବୁଲା ସାହୁ, ରଘୁନାଥ ପ୍ରଧାନ, ପୀତବାସ ପ୍ରଧାନ, ଜିତେନ୍ଦ୍ର ପାଢ଼ୀ, ପୁଲିସ ଅଧିକାରୀ ବିମଳ କଅଁରଙ୍କ ସମେତ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ନିଜ ବକ୍ତବ୍ୟ ରଖିଥିଲେ ।



